# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 5 February - 2025

## ପିଏମ୍ ମୋଦୀ– ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଯୋଗଦେବେ। ସଂଗମଠାରେ ଶ୍ରୀ ମୋଦୀ ବୁଡ଼ ପକାଇବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ତ୍ରିବେଣୀଘାଟଠାରେ ପୂଜାର୍ଚ୍ଚନା କରିବା ସହ ସାଧୁସନ୍ନ୍ୟାସୀଙ୍କୁ ଭେଟିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ଇତିମଧ୍ୟରେ ୩୮ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଛନ୍ତି।

## ବିକଶିତ ଗାଁ, ବିକଶିତ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧି ଆଭାସୀ ମାଧ୍ୟମରେ ସାମିଲ ହେବେ । ଏହି ଯୋଜନା ଅଧୀନରେ ଗ୍ରାମଗୁଡ଼ିକର ମୌଳିକ ଭିତ୍ତିଭୂମିର ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ।

# ଦିଲ୍ଲୀ ନିର୍ବାଚନ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ କିଛି ସମୟ ପୂର୍ବରୁ ମତଦାନ ଆରମ୍ଭ ହୋଇଛି । ଆସନ୍ତା ୮ ତାରିଖରେ ଭୋଟ୍ ଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଚଳିତ ଥର ଏହି ନିର୍ବାଚନରେ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

# ଷୋଡ଼ଶ ଅର୍ଥ କମିଶନ

୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ  ଅଧ୍ୟକ୍ଷ ଓ ସଦସ୍ୟ ବୃନ୍ଦ ଆଜି ଧଉଳି ଗ୍ରାମପଞ୍ଚାୟତ,କୋଣାର୍କ ଓ ପୁରୀ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଗତକାଲି ସେମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରିଥିଲେ ।  ପରେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନରେ ଯାଇ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ବାୟୋ ମେକାନିକ୍ସ ଲ୍ୟାବ୍, ହକି ଷ୍ଟାଡିୟମ ଓ ସନ୍ତରଣ କେନ୍ଦ୍ର ଆଦି ବୁଲି ଦେଖିଥିଲେ । କମିଶନ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପ୍ରମୁଖ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

# ଦନ୍ତ ଚିକିତ୍ସାଳୟ

ରାଜ୍ୟରେ ଅଧିକ ସଂଖ୍ୟାରେ ଦନ୍ତ ଚିକିତ୍ସାଳୟ ଓ କଲେଜ ଖୋଲିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଅନୁଷ୍ଠିତ ୨୦୧୯-୨୪ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଡକ୍ଟର ମହାଲିଙ୍ଗ

କହିଛନ୍ତି, କଟକରେ ଥିବା ଏକମାତ୍ର ସରକାରୀ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସଂପ୍ରସାରଣ ପ୍ରକଳ୍ପ ମଧ୍ୟରେ ଉନ୍ନତିକରଣ କରାଯିବା ସହ ୟୁଜି ଓ ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଇ ଡାକ୍ତର ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯିବ ।

## କ୍ୟାନସର ପଞ୍ଜୀକରଣ

ରାଜ୍ୟରେ ଖୁବ୍‌ଶୀଘ୍ର କ୍ୟାନସର ରୋଗୀଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ ହେବ । ଏଥିରେ ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନା କର୍କଟ ରୋଗୀଙ୍କ ସଂପର୍କରେ ସୂଚନା ଦେବା ଉପଲବ୍ଧ କରାଇବେ। ଏହି ତଥ୍ୟ ଆଧାରରେ ସରକାର କର୍କଟ ନିରାକରଣ ଅଭିଯାନକୁ ତ୍ୱରାନ୍ୱିତ କରିପାରିବେ ବୋଲି ଭୁବନେଶ୍ୱରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିଭାଗର ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ମୁଖ୍ୟଶାସନ ସଚିବ

ନୂଆଦିଲ୍ଲୀ ନ୍ୟାଶନାଲ୍ ଡିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ ଶ୍ରୀ ଆହୁଜା ରାଜ୍ୟର ସାଂପ୍ରତିକ ସ୍ଥିତି, ଶାସନ ପରିଚାଳନା ଆଦି ସଂପର୍କରେ ଆଲୋଚନା କରିଥିଲେ । ଭାରତ ଏବଂ ବିଭିନ୍ନ ପଡ଼ୋଶୀ ରାଷ୍ଟ୍ରରୁ ଆସିଥିବା ସାମରିକ, ବେସାମରିକ ସେବାର ଅଧିକାରୀମାନେ ଗତ ୩ ତାରିଖରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ।

# ବଦଳି

ରାଜ୍ୟ ସରକାର ଅଣାଅଶୀ ଜଣ ଓଡ଼ିଶା ଶିକ୍ଷାସେବା ଅଧିକାରୀମାନଙ୍କ ସ୍ତରରେ ଅଦଳବଦଳ କରିଛନ୍ତି । ଏହି ଅଧିକାରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ଏ ସଂପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ମାଘ ଶୁକ୍ଳ ଅଷ୍ଟମୀ ତିଥିରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ପରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପୁସ୍ତକ ବଣ୍ଟନ

ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକୁ ଆସନ୍ତା ମାର୍ଚ୍ଚମାସ ୧୫ ତାରିଖ ସୁଦ୍ଧା ନୂତନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ନେଇ ସ୍କୁଲ୍ ଶିକ୍ଷା ଯୋଜନା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଦ୍ୟାଳୟ ଗୁଡ଼ିକୁ ଠିକ୍ ଭାବେ ପୁସ୍ତକ ବଣ୍ଟନ ପାଇଁ ପଦକ୍ଷେପ ନେବା ସହ ପୁସ୍ତକ ମିଳିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟ୍ୟରେ ତୁରନ୍ତ ପୁସ୍ତକ ବାଣ୍ଟିବା ପାଇଁ ବିଜ୍ଞପ୍ତିରେ କୁହାଯାଇଛି ।

# କ୍ରିକେଟ୍-ଟିକେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଆଜିଠାରୁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ ହେଉଛି । ଏଥିପାଇଁ ଷ୍ଟାଡିୟମ ନିକଟରେ ୪ଟି ଟିକେଟ୍ କାଉଣ୍ଟର  କରାଯାଇଛି । ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଝାରସୁଗୁଡ଼ା ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିଲା । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ୬ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।